# ବିଶ୍ୱ ନାଟ୍ୟ ବାର୍ତା – ୨୦୨୨

International Theatre Institute
World Organization for the Performing Arts

ପ୍ରିୟ ବଂଧୁଗଣ !

ଯେତେବେଳେ ଏ ପୃଥିବୀ ପ୍ରତିଦିନ ଘଂଟା ମିନିଟ୍ ବା ମୂହୁର୍ତରେ ବିନ୍ଦୁ ବିନ୍ଦୁ ପରି ବୋହିଯାଉଥିବା ଖବରରେ ପୋତି ହୋଇଯାଉଛି, ସେଇ ସମୟରେ ଆମକୁ ମିଳୁଥିବା ସଠିକ ସୁଯୋଗ ଓ ସ୍ଥାନ ଭିତରକୁ ପଶିଆସି ଏକ ଉତ୍କୃଷ୍ଟ ସମୟ, କାଳଜୟୀ ପରିବର୍ତନ, ମହାନ ଚେତନା, ବିରତ୍ୱପୁର୍ଣ୍ଣ ପ୍ରତିଫଳନ, ଯୁଗାନ୍ତକାରୀ ଦୃଷ୍ଟି ନିକ୍ଷେପ କରିବାକୁ ମୁଁ ଆମ ସମସ୍ତଙ୍କୁ ଯେଉଁମାନେ ସୃଷ୍ଟିକର୍ତା, ସେମାନଙ୍କୁ ନିମନ୍ତ୍ରଣ କରିପାରେକି ? ଆମେ ମଣିଷର ଇତିହାସର ଏମିତି ଏକ ଗୁରୁତ୍ୱପୁର୍ଣ୍ଣ ଯୁଗରେ ବଂଚୁଛେ ଯେ - ମଣିଷମାନଙ୍କ ନିଜ ଭିତରେ, ଅନ୍ୟ ସମ୍ପର୍କୀୟ ମାନଙ୍କ ସହ ବା ପରସ୍ପର ଭିତରେ, ଅଥବା ମଣିଷ ବ୍ୟତିତ ଥିବା ବ୍ରହ୍ମାଣ୍ଡ ସହ ସମ୍ପର୍କ ରଖିବାରେ ଏକ ଗଭୀର ପରିଣାମ ଭଳି ପରିବର୍ତନ ଭୋଗୁଛେ, ଯାହା - ଆମେ ବୁଝିବା, କହିପାରିବା, ବର୍ଣ୍ଣନା କରିବା ବା ପରିପ୍ରକାଶ କରିବାକୁ ପ୍ରାୟ ଅସମର୍ଥ ।

ଆମେ ଆଉ ଚବିଶି ଘଂଟିଆ ଖବର ଭିତରେ ବଂଚୁ ନାହାନ୍ତି, ବରଂ ସମୟର ଶେଷ ଧାରରେ ବଂଚିଛେ । ଖବରକାଗଜ ବା ଗଣ-ମାଧ୍ୟମ ମାନେ ଆମେ ଯାହା ଭୋଗୁଛେ, ତାକୁ ହଜମ କରିବାକୁ ଏକଦମ୍ ଅପ୍ରସ୍ତୁତ ଓ ଅସମର୍ଥ ବି ।

ଆମେ ଭୋଗୁଥିବା ପରିବର୍ତନ, ଘାତ-ପ୍ରତିଘାତକୁ ବୁଝିବା ଲାଗି ଭାଷା କାହିଁ, କି ପ୍ରଚେଷ୍ଟା ହେଉଛି ; କି ପ୍ରକାର ଦୃଶ୍ୟ ଅଛି ଯାହା ଆମକୁ ଏ ସବୁ ବୁଝାଇପାରିବ ? ଏବଂ ଆମେ ଏବେ ଏହିକ୍ଷଣି କେମିତି ଆମ ଜୀବନର ବିଷୟ ସବୁକୁ, ଖାଲି ଖବରଦେବା ପରି ନୁହେଁ ବରଂ ଏକ ଅନୁଭୂତି ପରି ଜଣେଇବା ?

ନାଟକ ଯେ ଅନୁଭୂତି ପରି ଏକ କଳାର ରୂପ ।

ସାମ୍ବାଦିକମାନଙ୍କ ପ୍ରଚାରରେ, ଛଳନାର ଅନୁଭୂତିରେ, ଭୟଙ୍କର ଭବିଷ୍ୟତବାଣୀରେ ଭାରାକ୍ରାନ୍ତ ଏହି ସଂସାରରେ, ସଂଖ୍ୟା ଗଣତିର ଅସରନ୍ତି ପୁନରାବୃତିରୁ ଉର୍ଦ୍ଧ୍ୱରେ ଥାଇ ଆମେ କଣ ଗୋଟିଏ ଜୀବନ, ଗୋଟିଏ ପରିବେଶ, ବନ୍ଧୁତା ଓ ଆଚମ୍ବିତ ଆକାଶରେ ଉଜ୍ଜ୍ୱଳ ଆଲୋକର ପବିତ୍ରତା ଓ ବିଶାଳତା ପାଇପାରିବା ? ଦୁଇ ବର୍ଷର କୋଭିଡ-୧୯ ଲୋକଙ୍କ ସମ୍ବେଦନଶୀଳତାକୁ ଧୀମେଇ ଦେଇଛି, ଲୋକଙ୍କ ଜୀବନକୁ ସଙ୍କୁଚିତ କରିଦେଇଛି, ସମ୍ପର୍କକୁ ଭାଙ୍ଗିଦେଇଛି ଓ ଆମ ଜନବସତିକୁ ଅଦ୍ଭୁତ ଭାବେ ଶେଷ ଅବସ୍ଥାକୁ ଠେଲି ଦେଇଛି ।

ଆସନ୍ତା ବର୍ଷ ମାନଙ୍କରେ କି ପ୍ରକାର ମଂଜି ବୁଣିବା ବା ଚାରା ଲଗେଇବା ଉଚିତ ହେବ ଓ କେଉଁ ବଢ଼ି ଯାଇଥିବା ବା ଅଦରକାରି ଗଛ ସମ୍ପୂର୍ଣ୍ଣ ଉପାଡ଼ିବା ବା ନିପାତ କରାଯିବ ଆବଶ୍ୟକ ? ଅନେକ ମଣିଷ ମାନେ ଖଣ୍ଡାଧାରରେ ଜୀବନ ନିର୍ବାହ କରୁଚନ୍ତି । ଅକସ୍ମାତ ଓ ଅଯୁକ୍ତିକର ଭାବେ ହିଂସା-ଦ୍ୱେଶ ନିଆଁ ପରି ମାଡ଼ିଯାଉଛି । ତେଣୁ ଅନେକ ପ୍ରତିଷ୍ଠିତ ଢାଂଚା, ଚାଲିଥିବା ହିଂସାପରାୟଣ ହେବାର ସୂତ୍ର ଭାବେ ଦେଖା ଦେଇଛି ।

କୁଆଡ଼େ ଗଲା ଆମର ସୁଖଦ-ସ୍ମୃତିର ଉନ୍ମାଦର ମହୂର୍ତ ସବୁ ? ଏବେ କଣ ଆଉ ମନେରଖିବାକୁ ରହି ଯାଇଛି ? ଏବେ ଆମ ଲାଗି ଆଉ କି ପ୍ରଥା, କି ପର୍ବ ରହିଛି ଯାହା ଆମକୁ ଶେଷରେ ପୁଣି ସୃଜନ ଶକ୍ତି ଫେରାଇଦେବ ଓ ଆଗରୁ କରି ନ ଥିବା ପରି କିଛି ନୂଆ ଆରମ୍ଭ କରିବାକୁ ଅଭ୍ୟାସର ପଦକ୍ଷେପ ଦେଖାଇବ ?

ଦୂରଦୃଷ୍ଟି ସମ୍ପୂର୍ଣ୍ଣ, ମହତ ଉଦ୍ଦେଶ୍ୟ ବା ପୁନରୁଦ୍ଧାର, ପୁନରୁଥାନ ଓ ଯତ୍ନଶୀଳ ହେବାର ନାଟକ ପାଇଁ ନୂଆ ରିତୀ-ନୀତିର ଆବଶ୍ୟକତା ଅଛି । ଆମର ଆଉ ମନୋରଂଜନର ଲୋଡ଼ା ନାହିଁ । ଆମର ଏକତା ହେବା ଜରୁରୀ । ଆମକୁ ଆମର ସ୍ଥାନ ବାଂଟି ନେବାକୁ ହେବ ଏବଂ ଆମ ଭାଗର ଜାଗାକୁ ଫଳବତୀ କରିବାକୁ ହେବ । ଆମକୁ ସମାନତା ଓ ପରସ୍ପରକୁ ଶୁଣିବାର ଏକ ସୁରକ୍ଷିତ ଜାଗା ଲୋଡ଼ା ।

ମଣିଷ, ଭଗବାନ, ଗଛ-ଲତା, ପଶୁ-ପକ୍ଷୀ, ବର୍ଷାର ବିନ୍ଦୁ ହେଉ ବା ଲୁହ ଠୋପାଏ କିମ୍ବା ପୁନର୍ବିନ୍ୟାସ ଭିତରେ ଥିବା ସମାନତାରେ ହିଁ ନାଟକର ଏ ପୃଥିବୀରେ ଜନ୍ମ । ସମାନତାର ସ୍ଥାନ ଓ ଶୁଣିବାର ଗଭୀରତାକୁ ଲୁକାୟିତ ସୌନ୍ଦର୍ଯ୍ୟ ଆଲୋକିତ କରିଥାଏ ଏବଂ ଆହ୍ୱାନ, ଭାରସାମ୍ୟ ରକ୍ଷା, ବୁଦ୍ଧି, କର୍ମ ଓ ଧୈର୍ଯ୍ୟ ଦ୍ୱାରା ଏହାକୁ ବଂଚେଇ ରଖିଥାଏ ।

ବୁଦ୍ଧ ତାଙ୍କର "ପୁଷ୍ପାଳଙ୍କାର ସୂତ୍ର" ରେ ୧୦ ପ୍ରକାର ଗୁରୁତ୍ୱପୂର୍ଣ୍ଣ ଧୈର୍ଯ୍ୟର ତାଲିକା ଦେଇଛନ୍ତି । ସେଥିରୁ ସବୁଠାରୁ ଶକ୍ତିଶାଳୀ ହେଉଛି – ସବୁକୁ ମରିଚୀକା ବୋଲି ଭାବିନେବାର ଧୈର୍ଯ୍ୟ ।

ନାଟକ ସଦାସର୍ବଦା ପୃଥିବୀର ଜୀବନକୁ ଏକ ମରିଚୀକା ପରି ତ ପ୍ରଦର୍ଶନ କରିଆସିଛି ଓ ଆମକୁ ଏହା ମଣିଷର ଭ୍ରମ, ଭ୍ରାନ୍ତ ଧାରଣା, ଅନ୍ଧତ୍ୱ , ସ୍ୱଚ୍ଛତା ବା କୌଣସି ବି ଚାପ କୁ ପ୍ରତ୍ୟାକ୍ଷାନ ଇତ୍ୟାଦି ଦେଖିପାରିବାକୁ ସକ୍ଷମ କରିଛି ।

ଆମେ ଯାହା ଦେଖୁଚନ୍ତି ଓ ଯେଭଳି ଦେଖୁଛନ୍ତି, ସେ ବାବଦରେ ଏତେ ନିଶ୍ଚିତ ହୋଇଯାଇଛେ ଯେ - ବିକଳ୍ପ ସତ୍ୟତା, ନୂତନ ସମ୍ଭାବନା , ଭିନ୍ନ ଶୈଳୀ , ଅଦୃଶ୍ୟ ସମ୍ପର୍କ ବା ଅନିର୍ଦ୍ଧିଷ୍ଟ କାଳପାଇଁ ସଂଯୋଗ ଇତ୍ୟାଦି ଦେଖିପାରୁନା ।

ଆମ ମନର, ସମ୍ବେଦନଶୀଳତାର, ପରିକଳ୍ପନାର, ଇତିହାସର ଓ ଭବିଷ୍ୟତକୁ ସତେଜ କରିବାର ଏବେ ସମୟ ଆସିଛି । ଏହି କାମ ଏକୁଟିଆ ଏକୁଟିଆ ହେଇ କେହି କରିପାରିବେନି । ଏହାକୁ ଆମେ ସମସ୍ତେ ମିଳିମିଶି କରିବାକୁ ହେବ । ନାଟକ ଏହି କାମଟି ମିଳିତ ଭାବେ କରିବାକୁ ଏକ ନିମନ୍ତ୍ରଣ ମାତ୍ର ।

ଆପଣ ମାନଙ୍କ କାମ ଲାଗି ହୃଦୟର ଧନ୍ୟବାଦ । - ପିଟର ସେଲାର୍ସ



ଶ୍ରୀ ପିଟର୍ ସେଲର୍; ଜନ୍ମ - ପିଟ୍ସବର୍ଗ , ପେନସିଲ୍‌ଭାନିଆ , ଯୁକ୍ତରାଷ୍ଟ୍ର ଆମେରିକା । ସେ ଜଣେ ଅପେରା, ନାଟକ ଓ ଉତ୍ସବ ଗୁଡ଼ିଏର ନିର୍ଦ୍ଦେଶକ । ସମାଜ କର୍ମ ଲାଗି ନାଟ୍ୟକଳାର ଶକ୍ତି ଦେଖାଇବାରେ ସେ ସିଦ୍ଧହସ୍ତ । ଅନେକ ପାଶ୍ଚାତ୍ୟ ଅପେରାର ସେ ନିର୍ଦ୍ଦେଶକ । ୨୦୨୦ ରେ ଏବେର ମହାମାରୀ ବାବଦରେ ଏକ ସିନେମା ନିର୍ମାଣ କରିଛନ୍ତି । ସେ "ବିଶ୍ୱ କଳା ଓ ସଂସ୍କୃତି ବିଭାଗ"ରେ ପ୍ରଫେସରର ଭାବେ କାମ କରନ୍ତି ।